# ସାହାଯ୍ୟର ସୁଫଳ



ବେଶି ଦିନର କଥା ନୁହେଁ । ସେତେବେଳେ ବଙ୍ଗଳାରେ ଅକାଳ ମରୁଡ଼ି ପଡ଼ିଥାଏ । ଲୋକେ ଭୋକରେ ଆଉଟୁପାଉଟୁ ହୋଇ ଏଣେତେଣେ ଭିକ ମାଗୁଥା'ନ୍ତି । ଚାରିଆଡ଼ ଖାଲି ହାହାକାରରେ ପୂର୍ଣ୍ଣ ।

ସେହି ସମୟରେ ଦିନେ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବର୍ଦ୍ଧମାନ ସହରର ଏକ ବଜାର ଆଡ଼କୁ ଯାଉଥା'ନ୍ତି । ସାମନାରେ ଦେଖିଲେ, ଗୋଟିଏ ବାଳକ ଚିରା କନା ପିନ୍ଧି ତାଙ୍କରି ଆଡ଼କୁ ଚାଲିଚାଲି ଆସୁଛି । ନ ଖାଇ ନ ପିଇ ସେ ରୋଗିଣା ଦେଖାଯାଉଛି । ପାଖକୁ ଆସି ବିଦ୍ୟାସାଗରଙ୍କୁ ହାତ ଯୋଡ଼ି କହିଲା - ''ବାବୁ, ମୋତେ ପଇସାଟିଏ ଦିଅନ୍ତୁ । ବଡ଼ ଧର୍ମ ହେବ ଆପଣଙ୍କର । ମୁଁ ଆଉ ମା' ଦୁହେଁ ଭୋକରେ ଅଛୁ ।''



''ଯଦି ମୁଁ ତୋତେ ଚାରି ପଇସା ଦେବି, ତେବେ ତୁ କ'ଣ କରିବୁ ?'' ବିଦ୍ୟାସାଗର ତାକୁ ଚାହିଁ କହିଲେ ।

ବାଳକଟି ଉତ୍ତର ଦେଲା - ''ଦୁଇ ପଇସାର କିଛି କିଣି ଖାଇବି, ଆଉ ଦୁଇ ପଇସା ମା'କୁ ଦେଇଦେବି ।''

''ଆଚ୍ଛା, ତୋତେ ଯଦି ଦୁଇ ଅଣା ଦିଆଯିବ ?'' ବିଦ୍ୟାସାଗର ପଚାରିଲେ ।

ବାଳକଟି ଭାବିଲା, ବାବୁ ତା'କୁ ଥଟ୍ଟା କରୁଛନ୍ତି । କିଛି ନ କହି ବଡ଼ କରୁଣ ଚାହାଣିରେ ତାଙ୍କୁ ଚାହିଁଲା ।

ବିଦ୍ୟାସାଗର ଆଗେଇ ଯାଇ ତା' ହାତ ଧରି ପକାଇଲେ । ଖୁବ୍ ଆଦରରେ କହିଲେ - ''ଯଦି ପ୍ରକୃତରେ ତୋତେ ଚାରିଅଣା ଦେଇ ଦେବି, ତେବେ ତୁ କ'ଣ କରିବୁ ?''

''ଚାରିଅଣା !'' ବଡ଼ ଚକିତ ଚାହାଣିରେ ପିଲାଟି ତାଙ୍କୁ ଚାହିଁଲା । କିଛି କ୍ଷଣ ପରେ ପୁଣି କ'ଣ ଭାବି କହିଲା, ''ତା' ହେଲେ ତ ଆମର ବିପଦ ଘୁଞ୍ଚିଯିବ । ଦୁଇ ଅଣାର ଖାଇବା ଜିନିଷ ନେବି, ଆଉ ଦୁଇ ଅଣାର ଆମ୍ବ କିଣି ବିକିବି । ସେଥିରେ ମୋର କିଛି ଲାଭ ବାହାରି ପଡ଼ିବ ।''

ବିଦ୍ୟାସାଗର ତାକୁ ଗୋଟିଏ ଟଙ୍କା ଦେଲେ । ପିଲାଟିର ଖୁସି କହିଲେ ନ ସରେ । ସେ ତା' ଜୀବନରେ ସେ ପର୍ଯ୍ୟନ୍ତ କେବେହେଲେ ଟଙ୍କାଟିଏ ଦେଖି ନ ଥିଲା । ସେ ସମୟରେ ଗୋଟିଏ ଟଙ୍କାର ମୂଲ୍ୟ କିଛି କମ୍ ନ ଥିଲା । ଟଙ୍କାକରେ ଅନେକ ଜିନିଷ ମିଳୁଥିଲା ।



କେତେବର୍ଷ ବିତିଗଲା । ବିଦ୍ୟାସାଗର ଏ ଘଟଣାକୁ ଭୁଲିଗଲେ । ପୁଣି ଥରେ ବର୍ଦ୍ଧମାନ ଯିବାପାଇଁ ସୁଯୋଗ ମିଳିଲା । ବଜାରରେ ଦୁଇ ତିନି ଜଣ ବନ୍ଧୁଙ୍କ ସାଥିରେ ଯାଉଥା'ନ୍ତି । ସେତିକିବେଳେ ଜଣେ ଯୁବକ ଆସି ତାଙ୍କୁ ପ୍ରଣାମ ଜଣାଇଲା । ତା'ପରେ ତାଙ୍କୁ ତା'ନିଜ ଦୋକାନ ଭିତରକୁ ଯିବା ପାଇଁ ଖୁବ୍ ଅନୁରୋଧ କଲା ।

ବିଦ୍ୟାସାଗର ଯୁବକଟିକୁ ଚାହିଁଲେ, ଚିହ୍ନି ପାରିଲେ ନାହିଁ । ଯୁବକଟିର ଆଖି ଦୁଇଟି ଲୁହରେ ଭରି ଆସିଲା । ସେ ତାଙ୍କୁ ଏଇ ସହରରେ କେତେ ବର୍ଷ ତଳେ ଗୋଟିଏ ଟଙ୍କା ଦେବା ଘଟଣା ମନେପକାଇ ଦେଲା । କହିଲା, ''ଆପଣଙ୍କର ସେଇ ଟଙ୍କାରେ ମୁଁ ଫଳ କିଣି ବୁଲିବୁଲି ବିକ୍ରି କଲି । ପରିଶ୍ରମ କରି ଧୀରେ ଧୀରେ ମୁଁ କିଛି ଟଙ୍କା ମଧ୍ୟ ଜମା କଲି । ପାଖରେ କିଛି ଟଙ୍କା ହୋଇଯିବା ପରେ ଭାବିଲି, କେଉଁଠି ଗୋଟିଏ ଜାଗାରେ ଦୋକାନଟିଏ ଖୋଲିବି । ସେଇ ଟଙ୍କାରେ ମୁଁ ଏବେ ଏଇ ଦୋକାନଟି କରିଛି, ଏହା ହେଉଛି ଆପଣଙ୍କ ସାହାଯ୍ୟର ଫଳ ।''



ସେଦିନର ଗରିବ ପିଲାଟିକୁ ଗୋଟିଏ ଦୋକାନର ମାଲିକ ରୂପେ ଦେଖି ବିଦ୍ୟାସାଗରଙ୍କ ମନ ଆନନ୍ଦରେ ଭରିଗଲା । ତା' ପିଠିକୁ ବାରମ୍ବାର ସେ ଥାପୁଡ଼େଇ ତାକୁ ଧନ୍ୟବାଦ ଦେଲେ । ଯୁବକଟି ତାଙ୍କୁ ଦୋକାନକୁ ଡାକିନେଲା । ସେଦିନ ତା'ର ସୌଭାଗ୍ୟର ଦିନ । ବିଦ୍ୟାସାଗର ମଧ୍ୟ ସେଠାକୁ ଗଲେ । ସେ ଚାହୁଁଥିଲେ, ଯୁବକଟି କେମିତି ଉତ୍ସାହିତ ହୋଇ ଆହୁରି ଉନ୍ନତି କରୁ ।

କାହାର ସାହାଯ୍ୟ ଓ ସହାନୁଭୂତିକୁ ଉପଯୁକ୍ତ ଭାବେ କାମରେ ଲଗାଇଲେ ସେଥିରୁ ଉତ୍ତମ ଫଳ ମିଳେ ।



## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ଅକାଳ | କରୁଣ | ମରୁଡ଼ି | ବାରମ୍ବାର | ଉପଯୁକ୍ତ |
| ଆଉଟୁପାଉଟୁ | ଅଣା | ଚକିତ | ଉନ୍ନତି | ଉତ୍ତମ |
| ସହାନୁଭୂତି | ସୌଭାଗ୍ୟ | ହାହାକାର | ଉତ୍ସାହିତ | ସୁଯୋଗ |

## ଶିକ୍ଷକଙ୍କପାଇଁ ସୂଚନା :

- ଦୁର୍ବଳ ଓ ଗରିବଙ୍କ ପ୍ରତି ସହାନୁଭୂତିଶୀଳ ହେବା ଏକ ମହତ ଗୁଣ, ଏ ବିଷୟରେ ଧାରଣା ଦେବେ ।
- ୧୯୫୭ ମସିହା ପୂର୍ବରୁ ୧ଟଙ୍କା ଥିଲା ଷୋହଳ ଅଣା ବା ଚଉଷଠି ପଇସା । ଏ ବିଷୟରେ ପିଲାମାନଙ୍କୁ ବୁଝାଇବେ ।
- ସହାନୁଭୂତି ବା ସାହାଯ୍ୟର ସଦୁପଯୋଗ କଲେ ଜୀବନରେ ସଫଳତା ମିଳେ, ଏ କଥା ବୁଝାଇବେ ।



## ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା ।

(କ) ବିଦ୍ୟାସାଗର କେଉଁ ସହର ଦେଇ ଯାଉଥିଲେ ?

(ଖ) ବାଳକଟି ବିଦ୍ୟାସାଗରଙ୍କୁ ହାତ ଯୋଡ଼ି କ'ଣ କହିଲା ?

(ଗ) ବାଳକକୁ ବିଦ୍ୟାସାଗର କ'ଣ ପଚାରିଲେ ?

(ଘ) ବିଦ୍ୟାସାଗର ପିଲାଟିକୁ କେତେ ଟଙ୍କା ଦେଲେ ?

(ଙ) ପିଲାଟି ଟଙ୍କାଟିଏ ନେଇ କ'ଣ କଲା ?

୨. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦକୁ ଯୋଡ଼ିବା ।

| 'କ' | 'ଖ' |
|---|---|
| ଚିରା | ମରୁଡ଼ି |
| କରୁଣ | କନା |
| ରୋଗିଣା | ଚାହାଣି |
| ଅକାଳ | ବାଳକ |
| | ଲୁହ |

୩. ଉତ୍ସାହରୁ ଯେପରି ''ଉତ୍ସାହିତ'' ଲେଖାଯାଇଛି, ସେହିପରି ନିମ୍ନ ଶବ୍ଦଗୁଡ଼ିକର ରୂପ କ'ଣ ହେବ ଗାର ଟାଣି ଦେଖାଇବା ।

| | |
|---|---|
| କଥା | ନିନ୍ଦନୀୟ |
| ଉଦୟ | ଉଦିତ |
| ନିନ୍ଦା | କଥିତ |
| | ଉଦ୍ୟମ |
| | ନିନ୍ଦିତ |

୪. ଦୁଇଜଣ ସାଙ୍ଗ ବିଦ୍ୟାସାଗର ଓ ଗରିବପିଲା ହୋଇ ଅଭିନୟ କର ।

୫. ଆସ ସାଙ୍ଗମାନଙ୍କ ମେଳରେ ଆଲୋଚନା କରିବା ଓ ଉତ୍ତର ଲେଖିବା ।

(କ) କେଉଁ ରାଜ୍ୟରେ ମରୁଡ଼ି ପଡ଼ିଥିଲା ? ____________________

(ଖ) ମରୁଡ଼ି ବେଳେ ଲୋକେ କିପରି ଥାଆନ୍ତି ? ____________________

(ଗ) ଈଶ୍ୱର ଚନ୍ଦ୍ର କେଉଁଆଡ଼େ ଯାଉଥିଲେ ? ____________________

(ଘ) ରାସ୍ତାରେ ସେ କାହାକୁ ଦେଖିଲେ ? ____________________

(ଙ) ପିଲାଟିର ଅବସ୍ଥା କିପରି ଥିଲା ? ____________________

(ଚ) ଈଶ୍ୱର ଚନ୍ଦ୍ର ପିଲାଟିକୁ କେତେ ପଇସା ଦେଲେ ? ____________________

(ଛ) ବାଳକଟି ଟଙ୍କାଟିକୁ କିପରି କାମରେ ଲଗାଇଲା ? ____________________

(ଜ) ସେ ଦିନର ଗରିବ ପିଲାକୁ ଦୋକାନର ମାଲିକ ରୂପେ ଦେଖି ବିଦ୍ୟାସାଗରଙ୍କ ମନ କାହିଁକି ଆନନ୍ଦରେ ଭରିଗଲା ? ____________________

୬. ଆସ ଭାବିବା ଏବଂ ଠିକ ଉତ୍ତର ବାଛି କହିବା ।

(କ) ବିଦ୍ୟାସାଗର ପିଲାଟିକୁ ପଇସାଟିଏ ବଦଳରେ ଟଙ୍କାଟିଏ ଦେଲେ କାହିଁକି ?

୧. ନିଜର ଦାନୀପଣିଆ ଦେଖାଇବା ପାଇଁ

୨. ପିଲାଟିର ମାଗିବା ଅଭ୍ୟାସ ବଢ଼ାଇବା ପାଇଁ

୩. ପିଲାଟିକୁ ରୋଜଗାରକ୍ଷମ କରାଇବା ପାଇଁ

(ଖ) ଦୋକାନୀଯୁବକ ଉପରେ ବିଦ୍ୟାସାଗର ଖୁସିହେଲେ କାହିଁକି ?

୧. ଯୁବକଟିର ନମ୍ରତା ଦେଖି

୨. ଯୁବକଟିର ଫଳ ଦୋକାନ ଦେଖି

୩. ଯୁବକଟିକୁ ରୋଜଗାରକ୍ଷମ ହୋଇଥିବା ଦେଖି

୭. (କ) ମରୁଡ଼ି ସମୟର ଘଟଣା ପାଞ୍ଚ ଧାଡ଼ିରେ ଲେଖ ।

____________________

____________________

____________________

____________________

____________________

(ଖ) ତୁମ ବାପା ତୁମକୁ ଦଶଟଙ୍କା ଦେଲେ କ'ଣ କରିବ ଲେଖ ।

___

___

୮. ଏହି ଚିତ୍ରକୁ ଦେଖି ଆଉଟୁପାଉଟୁ, ଏଣେତେଣେ, ଚିରାଲେଙ୍ଗଡ଼ା, ଦୁଃଖୀରଙ୍କି ଶବ୍ଦଗୁଡ଼ିକୁ ନେଇ ଲୋକଟି ବିଷୟରେ ଚାରି ଧାଡ଼ିରେ ଲେଖ।



___

___

___

___

୯. ବିଦ୍ୟାସାଗରଙ୍କପରି ଆଉ ଯେଉଁ ମହାପୁରୁଷମାନେ ଦୁଃଖୀରଙ୍କିଙ୍କୁ ସାହାଯ୍ୟ କରୁଥିଲେ, ସେମାନଙ୍କ ନାମ ଲେଖ ।

___

___